**ନଳକୂପରେ ପିଟି ହେଲା କାର୍**
ଜୟପୁର, (ନି.ପ୍ର.)- ଜୟପୁର ଅଧିଷ୍ଠାତ୍ରୀ ଦେବୀ ମା’ ଭଗବତୀ ମନ୍ଦିର ନିକଟରେ ଥିବା ନଳକୂପକୁ ଏକ କାର ରବିବାର ଧକ୍କା ଦେଇଛି । କାର୍ (ଓଡି ୦୨ଏସ ୧୩୭୫)ଟି ଦ୍ରୁତ ଗତିରେ ଆସି ଭାରସାମ୍ୟ ହରାଇ ଏପରି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ସମୟରେ ନଳକୂପ ନିକଟରେ କୌଣସି ବ୍ୟକ୍ତି ପାଣି ନେଉ ନ ଥିଲେ କି କୌଣସି ଶ୍ରଦ୍ଧାଳୁ ସେଠାରେ ନ ଥିଲେ। ସ୍ଥାନୀୟ ଲୋକେ ଗାଡିକୁ ଅଟକ ରଖି ଡ୍ରାଇଭରଙ୍କୁ ଧରିଥିବା ଜଣାପଡିଛି।



# ୨ କୋଟି ଟଙ୍କାର ଓଭରହେଡ୍ ଟାଙ୍କି କାମରେ ଲାଗୁନି

**ବିଷମକଟକ,୨୧(ଡି.ଏନ୍.ଏ.)**

ଗ୍ରାମାଞ୍ଚଳର ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ରାଜ୍ୟ ସରକାର ପଞ୍ଚାୟତିରାଜ ବିଭାଗ ପାଣ୍ଠିରୁ ଅନେକ ଟଙ୍କା ଖର୍ଚ୍ଚ କରାଯାଉଛି। ପ୍ରତ୍ୟେକ ପଞ୍ଚାୟତରେ ବସୁଧା, ମେଗା, କ୍ଷୁଦ୍ର ପାନୀୟ ଜଳ ଯୋଜନାରେ ଓଭରହେଡ୍ ଟାଙ୍କି ନିର୍ମାଣ କରାଯାଉଛି। ହେଲେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ(ଆର୍‌ଡବ୍ଲୁଏସ୍‌ଏସ୍) ଅଧିକାରୀଙ୍କ ଖାମଖିଆଲ ମନୋଭାବ ଯୋଗୁ ସରକାରଙ୍କ ଯୋଜନା ବିଫଳ ହୋଇଛି। ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଚାଙ୍ଗଡ଼ାଗୁଡ଼ା ପଞ୍ଚାୟତରୁ ଏଭଳି ଅଭିଯୋଗ ସାମ୍ନାକୁ ଆସିଛି।

୨୦୧୮ରେ ଆର୍‌ଡବ୍ଲୁଏସ୍‌ଏସ୍ ବିଭାଗ ପକ୍ଷରୁ ୧ କୋଟି ୯୭ ଲକ୍ଷ ଟଙ୍କା ବ୍ୟୟରେ ଓଭରହେଡ୍ ଟାଙ୍କି ନିମନ୍ତେ ତତ୍କାଳୀନ ସମବାୟ, ଖାଦ୍ୟ, ବେସାମରିକ ଯୋଗାଣ ଓ ଖାଉଟି




କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଶିଳାନ୍ୟାସ କରିଥିଲେ। । ଏହି ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପୂର୍ବତନ ଜିଲାପାଳ ଗୁହା ପୁନମ ତାପସ କୁମାରଙ୍କ ତତ୍ତ୍ୱାବଧାନରେ ଆର୍‌ଡବ୍ଲୁଏସ୍‌ଏସ୍‌କୁ ହସ୍ତାନ୍ତର କରାଯାଇଥିଲା। ଏହି ପାଣି ଟାଙ୍କିରୁ ଦୁଇଟି ପଞ୍ଚାୟତର ୪ ରୁ ୫ ଖଣ୍ଡ ଗାଁ ଯଥା ହୁରୁଗୁଡ଼ି, ଗଣ୍ଡିଖାଲ, ପୁରୁଣାପାଣି, ନୂଆଗାଁ, ଚଙ୍ଗଡ଼ାଗୁଡ଼ା ସମେତ ସମସ୍ତ ଗ୍ରାମବାସୀ ପାନୀୟ ଜଳ ପାଇଥାନ୍ତେ। ଆର୍‌ଡବ୍ଲୁଏସ୍‌ଏସ୍ ୨୦୧୮ରେ ଏହି କାମକୁ ଜୟପୁର ଅଞ୍ଚଳର ସାବିତ୍ରୀ ଏଣ୍ଟରପ୍ରାଇଜେସ ନାମକ ଏକ ଘରୋଇ ସଂସ୍ଥା ହାତରେ ଦେଇଥିଲା। ଏହି ସଂସ୍ଥା ସରକାରଙ୍କ ନିୟମ ଅନୁଯାୟୀ ୨୦୧୯ରେ କାର୍ଯ୍ୟ ଆରମ୍ଭ କରି ୨୦୨୦ରେ କାର୍ଯ୍ୟ ଶେଷ କରିବା ପାଇଁ ଚୁକ୍ତିନାମା ହୋଇଥିଲା। କିନ୍ତୁ ଅବଧି ଶେଷ ହୋଇଥିଲେ ମଧ୍ୟ କାମ ସମ୍ପୂର୍ଣ୍ଣ ହୋଇପାରୁନାହିଁ।

- ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ମନୋଭାବ
- ଅବଧି ସରିଥିଲେ ମଧ କାମ ସମ୍ପୂର୍ଣ୍ଣ ହେଉନି

୨୦୨୦ ରେ ଏହି ପ୍ରକଳ୍ପ କାମ ଶେଷ ହୋଇଥିଲେ ଚାଙ୍ଗଡ଼ାଗୁଡ଼ା ପଞ୍ଚାୟତର ଚାରି ପାଞ୍ଚଟି ଗ୍ରାମର ୪୦୦ ରୁ ଊର୍ଦ୍ଧ୍ୱ ପରିବାର ବିଶୁଦ୍ଧ ପାନୀୟ ଜଳର ସୁବିଧା ପାଇଥାନ୍ତେ। ଥୁଆପାଡ଼ୀ ପଞ୍ଚାୟତର କାଣିଯୋଡ଼ି ନାଳରେ ଏକ ଟାଙ୍କି ନିର୍ମାଣ କରି ସେହି ଟାଙ୍କିରୁ ବିଶୁଦ୍ଧ ପାଣି ପାଇପ୍ ଯୋଗେ ଓଭରହେଡ୍ ଟାଙ୍କିରେ ସଂଯୋଗ କରି ସଂରକ୍ଷଣ କରିବା ପରେ ଲୋକଙ୍କ ନିକଟକୁ ପାଣି ଯୋଗାଇବା ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଆର୍‌ଡବ୍ଲୁଏସ୍‌ଏସ୍ ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ଠିକାଦାର ମନମୁଖି କାର୍ଯ୍ୟ କରି ଆସୁଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ କାର୍ଯ୍ୟର ଅବଧି ସରିବାର ଏକ ବର୍ଷ ବିତିଯାଇଥିଲେ ମଧ ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ଫଳରେ ଗ୍ରାମାଞ୍ଚଳର ଲୋକେ ସରକାରୀ ସୁବିଧାରୁ ବଞ୍ଚିତ ହୋଇଥିବା ଚାଙ୍ଗଡାଗୁଡ଼ା ସରପଞ୍ଚ ଚଞ୍ଚଳା ୱାଡାକାଙ୍କ ସମେତ ଦୟାନିଧି ୱାଡାକା ଓ ମୁକେଶ ସାହୁକାର ପ୍ରମୁଖ ଅଭିଯୋଗ କରିଛନ୍ତି। ଏହି ୪ ଖଣ୍ଡ ଗ୍ରାମର ଲୋକେ ବାରମ୍ବାର ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଅଧିକାରୀମାନେ ଗୁରୁତ୍ୱ ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଆର୍‌ଡବ୍ଲୁଏସ୍‌ଏସ୍‌ର କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ପାତ୍ରଙ୍କୁ ପଚାରିବାରୁ ଠିକାଦାରଙ୍କ ସହ ଯୋଗାଯୋଗ କରାଯାଉଛି। ଶୀଘ୍ର କାମ ନ ସାରିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ରାଇଘରରୁ ଭବାନୀପାଟଣାକୁ ସରକାରୀ ବସ୍ ସେବା ଆରମ୍ଭ



ରାଇଘର, ୨୧(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ରାଇଘର ବ୍ଲକରୁ ଭବାନୀପାଟଣାକୁ ସରକାରୀ ବସ୍ ଚଳାଚଳ ଆରମ୍ଭ ହୋଇଛି। ରାଇଘରରୁ ଏହି ବସ୍ ସକାଳ ୫.୪୫ରେ ଛାଡୁଛି। ଯାହାକି ଅପରାହ୍ନ ୨.୩୦ରେ ଭବାନୀ ପାଟଣାରେ ପହଞ୍ଚିବ। ସେହିଭଳି ଭବାନୀପାଟଣାରୁ ସକାଳ ୬.୫୦ରେ ବସ୍ ଛାଡୁଛି। ଯାହାକି ରାଇଘରରେ ଅପରାହ୍ନ ୨ଟାରେ ପହଞ୍ଚିବ। ଏହାର ଟିକେଟ ମୂଲ୍ୟ ୧୮୦ ଟଙ୍କା ରହିଛି। ବସ୍‌ଟି ଉମରକୋଟ, ଝରିଗାଁ, ଚଣ୍ଡାହାଣ୍ଡି, ଧର୍ମଗଡ ଦେଇ ଭବାନୀପାଟଣା ଯିବ।

### ମହୁମାଛି ଆକ୍ରମଣରେ ୨ ଗୁରୁତର

ପାପଡ଼ାହାଣ୍ଡି,୨୧(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକରେ ଚାଲିଥିବା ମେଗା ଜଳସେଚନ ପ୍ରକଳ୍ପର ସାଇଟ ଇଞ୍ଜିନିୟର ସୁରଞ୍ଜନ ଦାସ ଓ ସୁଧାକର ବାବୁ ରବିବାର ମହୁମାଛି ଆକ୍ରମଣରେ ଗୁରୁତର ହୋଇଛନ୍ତି। କଣ୍ଟାସାରୁରେ ଚାଲିଥିବା ନବନିର୍ମିତ ପାଣିଟାଙ୍କି କାମ ତଦାରଖ ଲାଗି ଉପରକୁ ଚଢ଼ିଥିବା ବେଳେ ସେମାନଙ୍କୁ ମହୁମାଛି ଆକ୍ରମଣ କରିଥିଲେ। ସେମାନଙ୍କୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡିଛି।

### କଂଗ୍ରେସରେ ମିଶିଲେ ରାଜେଶ ଜାନୀ

ଉମରକୋଟ, ୨୧(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ସିପିଆଇ(ଏମ୍) ସମ୍ପାଦକ ତଥା ଯୁବନେତା ରାଜେଶ ଜାନୀ କଂଗ୍ରେସରେ ମିଶିଛନ୍ତି। ରାଜେଶଙ୍କ ସମର୍ଥକ ଚତୁରସେନ ନାୟକ, କରଣ ଗଣ୍ଡ ଓ ସିପିଆଇ(ଏମ୍)ର ଅନେକ କର୍ମୀ କଂଗ୍ରେସରେ ସାମିଲ ହୋଇଛନ୍ତି। ଉମରକୋଟ ନଗର କଂଗ୍ରେସ ସଭାପତି ଟୁଲୁ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନୂତନ ଭାବେ ଯୋଗଦେଇଥିବା ନେତା ଓ କର୍ମୀଙ୍କୁ ସ୍ୱାଗତ କରାଯାଇଛି। କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ଉପସଭାପତି ଇଣା ଲାଠିଆ, ସାଧାରଣ ସମ୍ପାଦକ ଶଙ୍କର ଦେ, ମୁନା ପାଢୀ, ସୁରେଶ ବେହେରା, କାର୍ଯ୍ୟକାରୀ ସଭାପତି ଭୁବନେଶ୍ୱର ମାଝି, ସୁରେନ୍ଦ୍ର ନାୟକ, ଏସ୍. ବିଜୟ, ପର୍ଶୁରାମ ନାୟକ, ପିଙ୍କୁ ପଟ୍ଟନାୟକ, ଜିତି ମହାନ୍ତି, ପୂର୍ଣ୍ଣଚନ୍ଦ୍ର ନାୟକ, ଅର୍ପି ପ୍ରମୁଖ ଉପସ୍ଥିତ ଥିଲେ।

### ତେରପନ୍ଥ ଯୁବକ ପରିଷଦର ଆଧାତ୍ମିକ ଉତ୍ସବ



ନବରଙ୍ଗପୁର, ୨୧ (ବି.ପ୍ର.)- ଅଖିଳ ଭାରତୀୟ ତେରପନ୍ଥ ଯୁବକ ପରିଷଦ ତତ୍ତ୍ୱାବଧାନରେ ଜିଲା ଶାଖା ପକ୍ଷରୁ ଏକ ସାମାୟିକ ମହୋତ୍ସବର ଆୟୋଜନ କରାଯାଇଛି। ସୁଭାଷ ଜୈନଙ୍କ ଘରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୨୧ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ବିଦେଶରୁ ମଧ ଜୈନ ତେରପନ୍ଥ ସମାଜର ଶ୍ରଦ୍ଧାଳୁମାନେ ସାମିଲ ହୋଇଥିଲେ। ସମସ୍ତଙ୍କୁ ନବରଙ୍ଗପୁର ତେରପନ୍ଥ ଯୁବକ ପରିଷଦ ଉପସଭାପତି ଦୀପକ ଜୈନ ସ୍ୱାଗତ କରିଥିଲେ। ଏଥିରେ ତେରପନ୍ଥ ମହିଳା ମଣ୍ଡଳ ମଧ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁମାନେ ଜପ, ଧାନ, ଆତ୍ମ ଅଧ୍ୟୟନ, ସାଧନା କରିଥିଲେ। ପ୍ରଥମେ ତ୍ରିପଦୀ ବନ୍ଦନା ପରେ ନମସ୍କାର ମହାମନ୍ତ୍ର ପାଠ କରାଯାଇଥିଲା। ମଙ୍ଗଳ ପାଠ କରି ସାମାୟିକ ସମାପ୍ତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ସଂଯୋଜକ ଦୀପକ ଜୈନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

### ୧୫୦ ହିତାଧିକାରୀଙ୍କୁ ଜାଗା ମିଶନରେ ମିଳିଲା ପଟ୍ଟା

ଉମରକୋଟ, ୨୧(ସ୍ୱ.ପ୍ର.)- ରାଜ୍ୟ ସରକାରଙ୍କ ସହରାଞ୍ଚଳ ଜାଗା ମିଶନ ଅଧୀନରେ ଉମରକୋଟ ପୌରାଞ୍ଚଳରୁ ୨୫୩୬ ଜଣ ହିତାଧିକାରୀଙ୍କୁ ମନୋନୀତ କରାଯାଇଛି। ଜାଗା ମିଶନ ଆନୁକୂଲ୍ୟରେ ଉମରକୋଟ ପୌରାଞ୍ଚଳରେ ମୋଟ ୩୩୧୨ ଜଣ ଭୂମିହୀନଙ୍କୁ ଚିହ୍ନଟ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨୫୩୬ଜଣ ହିତାଧିକାରୀ ଜମିପଟ୍ଟା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝି ସୂଚନା ଦେଇଛନ୍ତି। ତେବେ ବାକି ୭୭୬ ଜଣ ହିତାଧିକାରୀଙ୍କ ଜମି ଜଙ୍ଗଲ ଜମିରେ ପଡୁଥିବାରୁ ସେମାନେ ଏଥିରୁ ବଞ୍ଚିତ ହୋଇଥିବା ଜଣାପଡ଼ିଛି। ମନୋନୀତ ହୋଇଥିବା ହିତାଧିକାରୀଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧୫୦ଜଣଙ୍କୁ ଜାଗା ମିଶନରେ ପଟ୍ଟା ଦିଆଯାଇଛି। ଅନ୍ୟମାନେ ନିୟମ ଅନୁଯାୟୀ ଜମିର ଅଟକଳ ମୂଲ୍ୟର ୫% ଟଙ୍କା ଜମା କରି ପାରି ନ ଥିବାରୁ ସେମାନଙ୍କୁ ପଟ୍ଟା ମିଳିବା ବିଳମ୍ବିତ ହେଉଥିବା ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ କହିଛନ୍ତି।

## ସମଲେଶ୍ୱରୀ ଏକ୍ସପ୍ରେସ ଟିକିରି ଷ୍ଟେଶନରେ ରହଣି ଦାବି

**ଟିକିରି,୨୧(ଡି.ଏନ୍.ଏ.)–**

ହାୱଡ଼ା–ଜଗଦଲପୁର ସମଲେଶ୍ୱରୀ ଏକ୍ସପ୍ରେସ ଆଜିଠାରୁ ପୁଣି ଚଳାଚଳ କରିବ। କିନ୍ତୁ ପୂର୍ବଭଳି ଏହି ଟ୍ରେନ୍ ରାୟଗଡ଼ା ଜିଲା ଟିକିରି ଷ୍ଟେଶନରେ ରହିବନି ବୋଲି ଜଣାପଡ଼ିଛି। ସୋମବାର ରାତି ୧୦ଟା ୧୨ ମିନିଟରେ ଏହି ଏକ୍ସପ୍ରେସ(୧୮୦୦୫) ହାୱଡ଼ାରୁ ବାହାରି ମଙ୍ଗଳବାର ରାତି ୧୦ଟା ୫ ମିନିଟରେ ଜଗଦଲପୁରରେ ପହଞ୍ଚିବ। ସେହିପରି ବୁଧବାର ସକାଳ ୫ଟା ୫ ମିନିଟରେ ଏହି ଏକ୍ସପ୍ରେସ(୧୮୦୦୬)ଜଗଦଲପୁରରୁ ବାହାରି ଗୁରୁବାର ସକାଳ ୫ଟା ୧୫ ମିନିଟରେ ହାୱାଡ଼ା ପହଞ୍ଚିବ ବୋଲି ସୂଚନା ମିଳିଛି। ପୂର୍ବରୁ ସମଲେଶ୍ୱରୀ ଏକ୍ସପ୍ରେସର ରାୟଗଡ଼ାରୁ କୋରାପୁଟ ମଧ୍ୟରେ ଥିବା ଟିକିରି, ଲକ୍ଷ୍ମୀପୁର, ଡ଼ାମନଯୋଡ଼ି ଶିଳ୍ପାଞ୍ଚଳ ରେଳ ଷ୍ଟେଶନ ରେ ରହଣି ଥିଲା। ଏବେ ଟିକିରି ଷ୍ଟେଶନରେ ଏହି ଟ୍ରେନ୍‌ର ରହଣି ନ ଥିବା ଜାଣି ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଡିସେମ୍ବର ୨୩ରେ ୱାଲ୍‌ଟିୟର ଡିଭିଜନର ଡିଆର୍‌ଏମ୍‌ଙ୍କ ଟିକିରି ଷ୍ଟେଶନ ପରିଦର୍ଶନବେଳେ ସ୍ଥାନୀୟ ଅଞ୍ଚଳବାସୀ ସମଲେଶ୍ୱରୀ ଏକ୍ସପ୍ରେସ ସହ ଅନ୍ୟ ଯାତ୍ରୀବାହୀ ଟ୍ରେନ୍‌ର ପୁନଃ ଚଳାଚଳ ପାଇଁ ଦାବି ଜଣାଇଥିଲେ। ଏହାକୁ ଅଣଦେଖା କରାଯାଇଥିବାବେଳେ ଟିକିରି ଷ୍ଟେଶନରେ ଏକ୍ସପ୍ରେସ ରହଣି ନେଇ ପଦକ୍ଷେପ ନେବାକୁ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି।

## ଶାଗମାଛ ଦରରେ ବିକିଦେଲେ ସ୍କୁଲ ସାମଗ୍ରୀ

**ବିଷମକଟକ,୨୧(ଡି.ଏନ୍.ଏ.)**

- ପ୍ରଧାନଶିକ୍ଷକ, ଡିଇଓଙ୍କ ଅନୁପସ୍ଥିତିରେ ହେଲା କାମ
- ଡିଇଓଙ୍କ ପାଖରେ ଖବର ନାହିଁ

ରାୟଗଡ଼ା ଜିଲା ବିଷମକଟକସ୍ଥିତ ବହୁ ପୁରାତନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୁରଣା ଟିଣ ଓ ମୂଲ୍ୟବାନ କାଠ ସାମଗ୍ରୀକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଅନୁପସ୍ଥିତିରେ ସ୍ଥାନୀୟ କେତେଜଣ ବ୍ୟକ୍ତି ଶାଗମାଛ ମୂଲ୍ୟରେ ବିକ୍ରି କରିଦେଇଛନ୍ତି।

ଏହି ବିଦ୍ୟାଳୟକୁ ସ୍ମାର୍ଟ ସ୍କୁଲ କରାଯିବା ନିମନ୍ତେ ଅନୁମତି ମିଳିବା ପରେ ଡିସେମ୍ବର ୩୧ରେ ସ୍କୁଲ ପରିସରରେ ଥିବା ବିରାଟ ଶ୍ରେଣୀ ଗୃହକୁ ଭଙ୍ଗା ଯାଇଥିଲା। ବିଦ୍ୟାଳୟ ଗୃହରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଟିଣ, ବଡ଼ ସାଇଜ୍ କାଠ ସହ ଶତାଧିକ କାଠ ଚେୟାର ଓ ଟେବୁଲ ରହିଥିଲା। ଏହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ସରକାରଙ୍କ ନୂଆ ସାମଗ୍ରୀ ହେଉ କିମ୍ବା ପୁରୁଣା ନିଲାମ କରିବା ପୂର୍ବରୁ ଡିଇଓଙ୍କ ଅନୁମତି ନେବା ଆବଶ୍ୟକ। ଅନୁମତି ପରେ ବିଇଓ ଏବଂ ସ୍କୁଲର ପ୍ରଧାନଶିକ୍ଷକ ନିଲାମ ନିମନ୍ତେ ୭ ଦିନ ପୂର୍ବରୁ ସର୍ବସାଧାରଣ ସ୍ଥାନରେ ନୋଟିସ ମାରିବା ଆବଶ୍ୟକ। କିନ୍ତୁ ଏହି ସବୁ ନିୟମକୁ ବେଖାତିର ସ୍ଥାନୀୟ କେତେଜଣ ବ୍ୟକ୍ତି ଅଧିକାରୀମାନଙ୍କ ଅନୁପସ୍ଥିତିରେ ସରକାରଙ୍କ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ସମ୍ପତ୍ତିକୁ ମାତ୍ର ୩୫ ହଜାର ୫୦୦ ଟଙ୍କାରେ ସ୍ଥାନୀୟ ଜଣେ ବ୍ୟବସାୟୀଙ୍କୁ ବିକ୍ରି କରି ଦେଇଛନ୍ତି। ସରକାରୀ ସମ୍ପତ୍ତି ନିଲାମ ସମୟରେ ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀ ଉପସ୍ଥିତ ରହି ଏହାକୁ ନିଲାମ ଡାକିବା କଥା। କିନ୍ତୁ ନିଲାମ ବିଷୟରେ ନ ଜଣାଇ ପରିଚିତ ବ୍ୟବସାୟୀଙ୍କୁ ଡାକି ଲକ୍ଷାଧିକ ଟଙ୍କାର ପୁରୁଣା ସାମଗ୍ରୀ ଅତି କମ୍ ମୂଲ୍ୟରେ ବିକ୍ରି କରି ଦେଇଛନ୍ତି। ରବିବାର ଥିବାରୁ ସରକାରୀ ଅଧିକାରୀଙ୍କ ଅନୁପସ୍ଥିତିରେ ସୁଯୋଗ ନେଇ ସାମଗ୍ରି ବିକ୍ରି କରାଯାଇଛି।

ଏ ନେଇ ପ୍ରଧାନଶିକ୍ଷକ ହେମନ୍ତ କୁମାର ଦୀପ୍‌ଙ୍କୁ ପଚାରିବାରୁ ୨ ଦିନ ପରେ ସାମଗ୍ରୀଗୁଡ଼ିକୁ ବିକ୍ରି କରିବାର ଥିଲା। କିନ୍ତୁ ଏତେ କମ୍ ମୂଲ୍ୟରେ ବିକ୍ରି କରାଯିବ ବୋଲି ଅବଗତ ନ ଥିଲି ବୋଲି ସେ କହିଛନ୍ତି। ସେହିପରି ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହାଙ୍କୁ ପଚାରିବାରୁ ଏ ନେଇ ତାଙ୍କ ନିକଟରେ ଖବର ନ ଥିବା କହିଛନ୍ତି। ଜିଲା ଶିକ୍ଷାଧିକାରୀଙ୍କ ବିନା ଅନୁମତିରେ କିପରି ସ୍କୁଲ ସାମଗ୍ରୀ ବିନା ନିଲାମରେ ବିକ୍ରି ହେଲା ତାହାକୁ ନେଇ ଅଞ୍ଚଳର ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି।


ସ୍କୁଲର ପୁରୁଣା କାଠ ସାମଗ୍ରୀ ।

## ମଦନପୁର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ


ଉଦ୍‌ଯାପନି ଦିବସରେ ଯୋଗ ଦେଇଥିବା ଅତିଥିମାନେ।

**କୋଲନରା,୨୧(ଡି.ଏନ୍.ଏ.)**

ରାୟଗଡ଼ା ଜିଲା କୋଲନରା ବ୍ଲକ ସଦର ପଞ୍ଚାୟତର ମଦନପୁର ଗ୍ରାମରେ ମହାତ୍ମ୍ୟ ଯୁବକ ସଂଘ ପକ୍ଷରୁ ଡିସେମ୍ବର ୨୬ରୁ ଚାଲିଥିବା ବାର୍ଷିକ କ୍ରୀଡ଼ା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରାକା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ବିଷମକଟକ ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ପ୍ରଶାନ୍ତ କୁମାର ନାୟକ, କୋଲନରା ସରପଞ୍ଚ ମଞ୍ଜୁଳା ଉର୍ଲକା, ଏସ୍‌ଏଚ୍‌ଜି ପ୍ରକଳ୍ପ ଅଧିକାରୀ ମନୁଶ୍ରୀ ରାୟ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ଏସ୍‌ଏଚ୍‌ଜି ସଦସ୍ୟାଙ୍କ ସମେତ ସ୍କୁଲ ଓ କଲେଜ ଛାତ୍ରୀଛାତ୍ର ୩୦ ଇଭେଣ୍ଟରେ ଭାଗ ନେଇଥିଲେ। ଭଲିବଲ, ବ୍ୟାଡମିଣ୍ଟନ, ଲେମ୍ବୁଚାମଚ, ଉଚ୍ଚଡିଆଁ, ଲମ୍ୱାଡିଆ, ଉଭୟ ବାଳକା ଓ ବାଳକଙ୍କୁ ନେଇ ଗଣିତ, ବକ୍ତୃତା, ଚିତ୍ରାଙ୍କନ, ସୁନ୍ଦର ହସ୍ତାକ୍ଷର ଆଦି ଖେଳ ଆୟୋଜନ କରାଯାଇଥିଲା। ଏଥିରେ ୨୦୦ ପ୍ରତିଯୋଗୀ ଭାଗ ନେଇଥିଲେ। ମହାତ୍ମା ଯୁବକ ସଂଘ ପକ୍ଷରୁ ଅନିଲ ତାଣ୍ଡିଙ୍ଗି, ସୁମନ୍ତି ଉର୍ଲକା, ମନୋଜ ତାଡିଙ୍ଗୀ, ସୁନୀଲ ତାଡିଙ୍ଗି, ପ୍ରବୀଣ ମେଲେକା, ପ୍ରଶାନ୍ତ ତାଣ୍ଡିଙ୍ଗି ପ୍ରମୁଖ ପରିଚାଳନା କରିଥିଲେ। ଉଦ୍‌ଯାପନି ଦିବସରେ କୋରାପୁଟ ଏମ୍‌ପିଙ୍କ ପ୍ରତିନିଧି ଧବଳେଶ୍ୱର ନାଇଡୁ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରିଥିଲେ।

## ରାୟଗଡ଼ା ୱାକର୍ସ କ୍ଲବର ନୂତନ କର୍ମକର୍ତ୍ତା ନିର୍ବାଚନ

**ରାୟଗଡ଼ା ଅଫିସ,୨୧**

ଶାରୀରିକ ସୁସ୍ଥତା ସହ ସମାଜରେ ଜନହିତକର କାର୍ଯ୍ୟ କରିବା ଉଦ୍ଦେଶ୍ୟରେ ୱାକର୍ସ କ୍ଲବ୍ ଗଠିତ। ରାୟଗଡ଼ା ୱାକର୍ସ କ୍ଲବର ୨୦୨୨ ନିମନ୍ତେ ନୂତନ କର୍ମକର୍ତ୍ତା ଚୟନ ରବିବାର ସର୍ବସମ୍ମତି କ୍ରମେ କରାଯାଇଛି। ସଭାପତି ରୂପେ ପ୍ରତାପ ଚନ୍ଦ୍ର ବାଉରୀ, ଉପ ସଭାପତିଭାବେ ଶଙ୍କର୍ଷଣ ମଙ୍ଗରାଜ, ଦୁଷ୍ମନ୍ତ କୁମାର ମହାନ୍ତି, ସମ୍ପାଦକ ଦାଶରଥି ରାଜଗୁରୁ, ଯୁଗ୍ମ ସମ୍ପାଦକ ଜଳନ୍ଧର ପୁଷ୍ଟିକା କୋଷାଧ୍ୟକ୍ଷ ରୁଦ୍ର ପ୍ରସାଦ ଚୌଧୁରୀ, ପଦ୍ମଲୋଚନ ପଣ୍ଡା, ପିଆର୍‌ଓ ବି. ବାଲରାଜୁଙ୍କୁ ଚୟନ କରାଯାଇଛି। ବ୍ଲକ ସଭାପତି ସୁନୀଲ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଉପଦେଷ୍ଟା ସତ୍ୟବାଦି ପତି ଓ ଟି. ଜଲରାମଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଉଦୟ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ମହିଳାଙ୍କ ବେକରୁ ସୁନା ଚେନ୍ ଝାମ୍ପିନେଲେ

**ରାୟଗଡ଼ା ଅଫିସ,୨୧**

ରାୟଗଡ଼ା ସହରରେ ଚୋରି ଏବଂ ଲୁଟତରାଜ ବୃଦ୍ଧି ପାଉଛି। ରବିବାର ସକାଳେ ବିଦ୍ୟାନଗର ୪ର୍ଥ ଲାଇନ୍ ଅଞ୍ଚଳରେ ୨ ଦୁର୍ବୃତ୍ତ ବାଇକ୍‌ରେ ଆସି ଜଣେ ମହିଳାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇଛନ୍ତି। ସୂଚନା ଅନୁଯାୟୀ, ସକାଳ ୯ଟାବେଳେ ବିଦ୍ୟାନଗର ଅଞ୍ଚଳର ୱାଇ. ଆପଲା ନାଇଡୁଙ୍କ ସ୍ତ୍ରୀ ୱାଇ. ଲକ୍ଷ୍ମୀ ଘର ନିକଟ ଗାଈ ଗୁହାଳରେ କାମ କରୁଥିଲେ। କାମ ସାରି ସେ ଘରକୁ ଫେରୁଥିବା ବେଳେ ହେଲ୍‌ମେଟ ପିନ୍ଧି ୨ ବ୍ୟକ୍ତି ଆସି ପଛପଟୁ ସୁନା ଚେନ୍ ଝାମ୍ପି ନେଇଥିଲେ। ଫଳରେ ଲକ୍ଷ୍ମୀ ରାସ୍ତା ଉପରେ ପଡ଼ିଯାଇଥିଲେ। ଏ ନେଇ ମହିଳାଙ୍କ ପକ୍ଷରୁ ରାୟଗଡ଼ା ଟାଉନ ଥାନାରେ ଅଭିଯୋଗ ହୋଇଛି। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି। ଲୁଟ ହୋଇଥିବା ସୁନା ଚେନ୍‌ର ଓଜନ ସାଢ଼େ ୨ ତୋଳା ହେବ ବୋଲି ମହିଳା କହିଛନ୍ତି।

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶା ପକ୍ଷରୁ ୫୮ ୟୁନିଟ୍ ରକ୍ତ ସଂଗ୍ରହ

**କୋରାପୁଟ,୨୧(ସ୍ୱ.ପ୍ର.)**

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନବଗଠିତ ଏନ୍‌ଏସ୍‌ଏସ୍ ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟର ସୁନାବେଡାସ୍ଥିତ ମୁଖ୍ୟ କ୍ୟାମ୍ପସଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମ ସଂଯୋଜକ ସଞ୍ଜିତ ଦାସଙ୍କ ସହ ଏନ୍‌ଏସ୍‌ଏସ୍‌ର ସମସ୍ତ ସଦସ୍ୟ ଶିବିର ପରିଚାଳନା କରିଥିଲେ । ଏହି ଅବସରରେ ୫୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଶରତ କୁମାର ପଲିତା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଥମେ ରକ୍ତଦାନ କରି ଶିବିର ଉଦ୍‌ଘାଟନ କରିଥିଲେ। ଜୀବନ ବଞ୍ଚାଇବା ପାଇଁ ରକ୍ତଦାନ ଏକ ପୁଣ୍ୟ କାର୍ଯ୍ୟ ବୋଲି ସେ କହିଥିଲେ । ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ଅସିତ ଦାସ, ପରୀକ୍ଷା ନିୟନ୍ତ୍ରକ ଡ. ରାମଶଙ୍କର, ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଏବଂ ସୁରକ୍ଷା ଅଧିକାରୀ ପ୍ରଦୀପ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ । ଅଧ୍ୟାପକ ଗବେଷଣା ବିଦ୍ୱାନ, ଛାତ୍ର ଏବଂ କର୍ମଚାରୀ ଶିବିରରେ ରକ୍ତଦାନ କରିଥିଲେ । ଏନ୍‌ଏସ୍‌ଏସ୍ ସଂଯୋଜକ ଦାସ, ଡ. ଆଲୋକ ବରାଳ, ଡ.ଦେବବ୍ରତ ପଣ୍ଡା, ଡ. ମହେଶ ପଣ୍ଡା, ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ବ୍ଲଡ ବ୍ୟାଙ୍କ କର୍ମଚାରୀ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ ।

## ୫ ଆଶାକର୍ମୀ ସମ୍ମାନିତ



କାର୍ଯ୍ୟକ୍ରମରେ ଜଣେ ଆଶା କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ରାଇଘର, ୨୧(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ରାଇଘର ବ୍ଲକ ସଦର ମହକୁମାସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଡକ୍ଟର ରୂପେସ ଡାଲି ମୁଖ୍ୟ ଅତିଥି, ସୁପରଭାଇଜର ଏମ୍‌ଆରକେ ରାଜୁ, ୧୦୮ ସଂସ୍ଥାର ସିଏଲ୍ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଅମର ବିପ୍ଳବ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଜରୁରିକାଳୀନ ସମୟରେ ଯେଉଁ ୫ଜଣ ଆଶା କର୍ମୀ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇ ସ୍ୱାସ୍ଥ୍ୟସେବା ଯୋଗାଇବାରେ ସହଯୋଗ କରିଥିଲେ, ସେମାନଙ୍କୁ ସମ୍ମାନିତ କରାଯାଇଛି। ସେମାନେ ହେଲେ ସୋନପୁର ଆଶାକର୍ମୀ ବାଲା ମଣି ଭତରା, ଜୁନାନୀପାରାର ଚମ୍ପାବାଈ ଗଣ୍ଡ, ଅମିଲିଭଟ୍ଟାର ଲଟିକା ଗଣ୍ଡ, ବିରସାଡ଼ିର ଅମରାବତୀ ପନକା ଓ କୁରାବେଡ଼ାର ରାୟଲୁ ଗଣ୍ଡ। କାର୍ଯ୍ୟକ୍ରମରେ ଶହେରୁ ଊର୍ଦ୍ଧ୍ୱ ଆଶାକର୍ମୀ ଉପସ୍ଥିତ ଥିଲେ।

## ପୋଲିସକୁ ଆକ୍ରମଣ ମାମଲା, ଅଭିଯୁକ୍ତ ଗିରଫ

**ଜୟପୁର, ୨୧ (ନି.ପ୍ର.)–**




ପୋଲିସକୁ ଆକ୍ରମଣ ଘଟଣାରେ ଟାଉନଥାନା ପୋଲିସ ଜଣକୁ ଗିରଫ କରିଛି । ସେ ହେଲେ ନୂଆସାହି ୫ମ ଲାଇନର ବଳରାମ ପାଣିଗ୍ରାହୀ । ପୋଲିସ ସୂତ୍ରରୁ ପ୍ରକାଶ ଯେ, ଶନିବାର ରାତି ୧୦ଟାରେ ଖ୍ରୀଷ୍ଟିଆନପେଟାରେ ଏକ ଦୁର୍ଘଟଣା ଘଟିଥିଲା । ଘଟଣା ସ୍ଥଳରେ ଡ୍ୟୁଟି କରୁଥିବା ଏସ୍‌ଆଇ ସିଦ୍ଧାନ୍ତ ବେହେରା ଆହତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଉଥିବା ବେଳେ ଅଭିଯୁକ୍ତ ବଳରାମ ବାଇକରେ ଆସି ପୋଲିସକୁ ବିନା କାରଣରେ ଦୁର୍ବ୍ୟବହାର କରିଥିଲେ। ଏଥିସହ ସେ ଏସ୍‌ଆଇ ବେହେରାଙ୍କୁ ଛୁରି ଦେଖାଇ ଆକ୍ରମଣ କରି ଧମକଚମକ ଦେଇଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ବଳରାମଙ୍କୁ ଗିରଫ କରି ତାଙ୍କଠାରୁ ବାଇକ୍ ଓ ଛୁରି ଜବତ କରିଛି। ମାମଲା ରୁଜୁ ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ସଞ୍ଜୟ ମଣ୍ଡଳ କହିଛନ୍ତି ।

## ଶିଶୁ ମନ୍ଦିରରେ ଅଭିଭାବକ ସମ୍ମିଳନୀ

**ଗୁଣପୁର,୨୧(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଣପୁର ସରସ୍ୱତି ଶିଶୁ ବିଦ୍ୟା ମନ୍ଦିରରେ ରବିବାର ଅଭିଭାବକ ସମ୍ମିଳନି ଅନୁଷ୍ଠିତ ହୋଇଯାଇଛି। ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ଅଭିଭାବକମାନେ ଏହି ବୈଠକରେ ଯୋଗ ଦେଇଥିଲେ। ଉକ୍ତ ସମ୍ମିଳନୀରେ ଅନ୍‌ଲାଇନ୍ ଶିକ୍ଷାର ଗୁରୁତ୍ୱ ଓ ଅଭିଭାବକମାନଙ୍କ ଏଥିନିମନ୍ତେ ଦାୟିତ୍ୱ ବିଷୟରେ ଆଲୋଚନା କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମ୍ପାଦକ ସୋମନାଥ ଗୌଡ଼, ଯୁଗ୍ମ ସମ୍ପାଦକ ମୋହନ ଚନ୍ଦ୍ର ସାହୁ ଏବଂ ସଭାପତି ବି.ଗଜପତି ରାଓ କରୋନା ପରିସ୍ଥିତିରେ ଶିକ୍ଷା ପ୍ରଣାଳୀର ବ୍ୟବସ୍ଥାରେ ସମସ୍ତଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ସେହିପରି ଅନୁଷ୍ଠାନର ଶିଶୁ ସେବିକା କାଞ୍ଚନ ଗୌଡ଼ ସେବା କାର୍ଯ୍ୟରୁ ଅବସର ନେଇଥିବାରୁ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଆଚାର୍ଯ୍ୟା ମମତା ମିଶ୍ର, ଆଚାର୍ଯ୍ୟ କିଶୋର ଚନ୍ଦ୍ର ସାହୁ ମନୋଜମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## କୋଭିଡ୍ ମୃତକଙ୍କ ପରିବାରକୁ ସହାୟତା

**ନବରଙ୍ଗପୁର, ୨୧(ବି.ପ୍ର.)**

ନବରଙ୍ଗପୁର ଜିଲାରେ କୋଭିଡ୍‌ରେ ପ୍ରାଣ ହରାଇଥିବା ମୃତକଙ୍କ ନିକଟତମ ସମ୍ପର୍କୀୟଙ୍କୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯାଇଛି। ଏସ୍‌ପି ଅଫିସରେ କାର୍ଯ୍ୟରତ ଦୁଇ କୋଭିଡ୍ ଯୋଦ୍ଧା ରାମଚନ୍ଦ୍ର ଅଗସ୍ତି ଏବଂ କୈଳାସ ଚନ୍ଦ୍ର ବେହେରାଙ୍କ ନିକଟତମ ସମ୍ପର୍କୀୟଙ୍କୁ ୫୦ ଲକ୍ଷ ଲେଖାଏ ଅନୁକମ୍ପାମୂଳକ ଆର୍ଥିକ ସହାୟତା ଜିଲାପାଳ କମଳ ଲୋଚନ ମିଶ୍ର ପ୍ରଦାନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଏଯାବତ ଜିଲାରେ ୧୪୫ଜଣ କୋଭିଡ୍‌ରେ ପ୍ରାଣ ହରାଇଛନ୍ତି। ସେମାନଙ୍କ ନିକଟତମ ସମ୍ପର୍କୀୟଙ୍କୁ ୫୦ ହଜାର ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯାଇଛି। ଅନ୍ୟ ମୃତକଙ୍କ ସମ୍ପର୍କୀୟମାନେ ଆବଶ୍ୟକ କାଗଜପତ୍ର online caps odisha gov in portalରେ କିମ୍ବା ଜିଲା ଜରୁରିକାଳୀନ ଉପବିଭାଗରେ ଦାଖଲ କରି ସରକାରଙ୍କ ଏହି ଯୋଜନାରେ ଉପକୃତ ହେବାପାଇଁ ଜିଲାପାଳ ଅନୁରୋଧ କରିଛନ୍ତି।

ସେହିପରି ଜିଲାର ଉମରକୋଟ ବ୍ଲକ ସଦର ଗ୍ରାମର ବିଶ୍ୱନାଥ ସରକାର(୫୮) ପିତା ହରି ସରକାର, ରାଇଘର ବ୍ଲକ ସରଗୁଳି ଗ୍ରାମର କୁନ୍ତଳା କୁମାରୀ ସାମନ୍ତରାୟ(୬୨) ସ୍ୱାମୀ ସଞ୍ଜିତ ଏବଂ ଚନ୍ଦାହାଣ୍ଡି ବ୍ଲକ ଧଡିପାଣି ଗ୍ରାମର ସୁଖେସିନି ପଣ୍ଡା (୭୫) ସ୍ୱାମୀ ମନବୋଧ ନାଗେଶଙ୍କ ସମ୍ପର୍କୀୟ ବର୍ତ୍ତମାନ ସୁଦ୍ଧା ସରକାରଙ୍କ ଏହି ଯୋଜନାର ଲାଭ ପାଇବା ପାଇଁ କୌଣସି ଆବେଦନ କରିନାହାନ୍ତି। କୌଣସି ବ୍ୟକ୍ତି ତାଙ୍କର ନିକଟତମ ସମ୍ପର୍କୀୟଙ୍କ ଠିକଣା ପାଇଲେ ଜରୁରିକାଳୀନ ଉପବିଭାଗକୁ ଅବଗତ କରାଇବା ନିମନ୍ତେ ଜିଲାପାଳ ଅନୁରୋଧ କରିଛନ୍ତି।

## ପ୍ରଥମ ମ୍ୟାଚରେ କଳାହାଣ୍ଡିର ଜୟପାଟଣା ବିଜୟୀ

**ଚନ୍ଦାହାଣ୍ଡି, ୨୧(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଦଣ୍ଡାମୁଣ୍ଡା ଗ୍ରାମସ୍ଥିତ ଗଦାଧର ଖେଳପଡିଆରେ ପଲ୍ଲିଶ୍ରୀ ଯୁବକ ସଂଘ ଆନୁକୂଲ୍ୟରେ ୨୨ତମ ଯାଦବ ମାଝି ସ୍ମାରକୀ ଆନ୍ତଃ ରାଜ୍ୟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପଲ୍ଲିଶ୍ରୀ ଯୁବକ ସଂଘ ସଭାପତି ତଥା ଝରିଗାଁ ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ଏମ୍‌ପିଙ୍କ ଜିଲା ପ୍ରତିନିଧି ପ୍ରମୋଦ କୁମାର ପାଢ଼ୀ, ଜୋନ୍–୨ ଜିଲା ପରିଷଦ ସନୀନ୍ଦ୍ର ସୋରି, ବ୍ଲକ ଅଧକ୍ଷ ଗୋରେଖ ନାଥ ପୂଜାରୀ, ବିଧାୟକଙ୍କ ଉମରକୋଟ ବ୍ଲକ ପ୍ରତିନିଧି ସଞ୍ଜୟ ଗୁପ୍ତା, ଧୋଡ଼ିପାଣି ସରପଞ୍ଚ ପ୍ରମିଳା ପୂଜାରୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ୧୬ଟି ଟିମ୍ ଭାଗ ନେଇଥିଲେ। ଝରିଗାଁ ଓ କଳାହାଣ୍ଡିର ଜୟପାଟଣା ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଖେଳାଯାଇଛି। ଝରିଗାଁ



ଅତିଥି ଓ ଗ୍ରାମବାସୀଙ୍କ ଗହଣରେ ଖେଳାଳିମାନେ।

**ଯାଦବ ମାଝି ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ**

ପ୍ରଥମେ ବ୍ୟାଟିଂ କରି ୧୮.୨ ଓଭରରେ ୧୩୧ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ଜୟପାଟଣା ୯.୫ ଓଭରରେ ୧୩୨ ରନ୍ କରି ବିଜୟୀ ହୋଇଛି। ଜୟପାଟଣାର ଆଦିତ୍ୟ ପଟ୍ଟନାୟକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଛି। ଟୁନା ସାହୁ, ମଣ୍ଟୁ ପାଢ଼ୀ, ଭାଷ୍ୟକାର ସଂଗ୍ରାମ କେଶରୀ ସାହୁ, ତେଜରାଜ ଠାକୁର ଅମ୍ପାୟାର ଦାୟିତ୍ୱ ତୁଲାଇ ଥିଲେ। ସ୍କୋରର ଭାବେ ଦିଲୀପ ନାୟକ, ଆସ୍ତିକ ଦାସ ଓ ବସନ୍ତ ବିଷୋୟୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୌରହରି ନାୟକ, ବଳରାମ ପଟନାୟକ, କାର୍ତ୍ତିକ ବାଗ, ପୁରୁଷୋତ୍ତମ ପାରି, ତ୍ରିନାଥ ଦାଶ, ସୀମାଞ୍ଚଳ ଗଣ୍ଡା, ରଷ୍ଟୁ ବାଗ, ଝୁମୁକଲାଲ ସାହୁ ଓ ଦୁର୍ଲଭ ପୂଜାରୀ ପ୍ରମୁଖ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

ଧରିତ୍ରୀ
DHARITRI
ରାୟଗଡ଼ା, ସୋମବାର, ୩ ଜାନୁୟାରୀ, ୨୦୨୨



**ପଞ୍ଚାୟତ ନିର୍ବାଚନ ନେଇ କମ୍ୟୁନିଷ୍ଟ ପାର୍ଟିର ବୈଠକ**

ଦଶମନ୍ତପୁର,( ଡ଼ି.ଏନ.ଏ )- କୋରାପୁଟ ଜିଲ୍ଲାର ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ ତଳ ଗୌଡକଣ୍ଡାଠାରେ ବୁଧବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସାଧାରଣ ସମ୍ପାଦକ ବାରା ଜାନିଙ୍କ ନେତୃତ୍ୱରେ ହୋଇଥିବା ଏହି ବୈଠକରେ ଜିଲ୍ଲା କମ୍ୟୁନିଷ୍ଟ ପାର୍ଟିର ସାଧାରଣ ସମ୍ପାଦକ ଯୁଧିଷ୍ଠିର ରାହୁଲ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ କୁମର ଜାନି,କଣ୍ଡ କୁମାର, ନିଳ ଗୌଡ, ଘନ ଗୌଡ ଉପସ୍ଥିତ ଥିଲେ। ଙ୍କ ସମେତ ଦଳିୟ କର୍ମୀମାନେ ଯୋଗ ଦେଇଥିଲେ। ବୈଠକ ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତ ସହ ସମିତି ସଭ୍ୟ, ଜିଲା ପରିଷଦ ପ୍ରାର୍ଥୀ ଦେବା ନେଇ ଆଲୋଚନା ହୋଇଥିଲା।

## ସଂକ୍ଷେପରେ

### ଲକ୍ଷ୍ମୀ ନୃସିଂହଙ୍କ ବରାହ ବେଶ



ଜୟପୁର, ୨।୧ (ନି.ପ୍ର.)- ଜୟପୁର କଣ୍ଡରା ସାହିସ୍ଥିତ ଲକ୍ଷ୍ମୀନୃସିଂହଙ୍କୁ ରବିବାର ବଉଳ ଅମାବାସ୍ୟା ଅବସରରେ ବରାହ ବେଶରେ ସଜ୍ଜିତ କରାଯାଇଥିଲା। ପ୍ରଭୁଙ୍କ ନିକଟରେ ଗଇଁଠା ଭୋଗ ଲାଗି କରାଯାଇ ଆଳିତି ସହ ସ୍ୱତନ୍ତ୍ର ନୀତିକାନ୍ତି ହୋଇଥିବା ସେବାୟତ ସୁନୀଲ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି।

### ଜିଲାସ୍ତରୀୟ ସଂକୀର୍ତ୍ତନ ମହୋତ୍ସବ

ଜୟପୁର, ୨।୧ (ନି.ପ୍ର.)- କୋରାପୁଟ ଜିଲାସ୍ତରୀୟ ସଂକୀର୍ତ୍ତନ ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଛି। ଜୟପୁର ବ୍ଲକ ଅନ୍ତର୍ଗତ ଆମ୍ବାଗୁଡା ହରିହର ମନ୍ଦିର ମଦନ ଗୋପାଳଜୀ ମଠ ପରିସରରେ ଜଗନ୍ନାଥ ନାମ ସଂକୀର୍ତ୍ତନ ପରିଷଦ ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ସଂକୀର୍ତ୍ତନ ମଣ୍ଡଳୀର ସଭାପତି କୃଷ୍ଣଚନ୍ଦ୍ର ପାଲ, ସମ୍ମାନିତ ଅତିଥି ରୂପେ ଜୟପୁର ନଗର ମୁଖ୍ୟ ଲିଙ୍ଗରାଜ ନିଶଙ୍କ, ଜିଲା ସଂକୀର୍ତ୍ତନ ମଣ୍ଡଳୀର ସମ୍ପାଦକ ସତ୍ୟବାନ ପଟ୍ଟନାୟକ, ଜୟପୁର ନଗର ସଂକୀର୍ତ୍ତନ ମଣ୍ଡଳୀର ସଭାପତି ଭୀମ ନାୟକ, ଉପଦେଷ୍ଟା ରତ୍ନାକର ନାରାଜୀ, ଭାସ୍କର ଗୌଡ, ସଞ୍ଜୟ ପଣ୍ଡା, ଯୁଗ୍ମ ସମ୍ପାଦକ ସୁଜିତ କୁମାର ସାହୁ , ଧୀରେନ ମୋହନ ପଟ୍ଟନାୟକ, ରାଧାନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ଆଉ ଶୁଣିବାକୁ ମିଳିବନି ଚୁର ଭେଣ୍ଡିଆ ମାଗୁର ମାଛ ଗୀତ

ଜୟପୁର,୨।୧ ( ନି.ପ୍ର. )-ଯେଉଁ ଗୀତଟି ଅବିଭକ୍ତ କୋରାପୁଟ ଜିଲାର କୋଣେ ଅନୁକୋଣେ ସମସ୍ତଙ୍କ ମନକୁ ମୋହିଥିବା ଚୁର ଭେଣ୍ଡିଆ ମାଗୁର ମାଛ ଗୀତର କଣ୍ଠଶିଳ୍ପୀ ତରୁଣ କୁଳଦୀପ ଆଉ ନାହାନ୍ତି ସେ ସମସ୍ତଙ୍କୁ ଛାଡି ଚାଲିଯାଇଛନ୍ତି। ପୂର୍ବତନ କାଉନସିଲର ତଥା ନାଟ୍ୟକାର କୁଳଦୀପଙ୍କ ଶନିବାର ରାତିରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୧ ବର୍ଷ ହୋଇଥିଲା। ରାତି ସାଢେ ୧୧ଟାରେ ଛାତିରେ ସେ ଯନ୍ତ୍ରଣା ଅନୁଭବ କରିଥିଲେ। ପରେ ତାଙ୍କର ହୃଦଘାତରେ ମୃତ୍ୟୁ ହୋଇଯାଇଥିଲା।

### ବର୍ଷା ସାହିତ୍ୟ ସଂସଦ ପକ୍ଷରୁ ସ୍ମୃତିସଭା

ଦାମନଯୋଡି, ୨।୧(ଡି.ଏନ.ଏ.)- ଦାମନଯୋଡିର ବର୍ଷା ସାହିତ୍ୟ ସଂସଦ ପକ୍ଷରୁ କବିସ୍ୱର୍ଗତ କିଶୋର କୁମାର ମହାପାତ୍ରଙ୍କ ଏକାଦଶାହରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ନାଲ୍କୋ ଆଲୁମିନା ରିଫାଇନେରିରେ ସୁପରିଣ୍ଟେଣ୍ଡେଣ୍ଟ ଥିବା ମହାପାତ୍ରଙ୍କ ଗତ ୨୩ତାରିରେ କୋଭିଡ୍ ପରବର୍ତ୍ତୀ ଜଟିଳତାରେ ପରଲୋକ ହୋଇଥିଲା। ସ୍ଥାନୀୟ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ସଭାରେ ନାଲକୋ ଏଜିଏମ ସମ୍ପାଦକ ସୁକାନ୍ତ ଦାସ ମୁଖ୍ୟ ଅତିଥିରୂପେ ଯୋଗ ଦେଇଥିଲେ। ବର୍ଷାର ସଭାପତି ପ୍ରଦୀପ ପାଙ୍ଗଯୋଶୀ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଶ୍ରୀଧର ପରିଡା, ସୁଶାନ୍ତ ଦାଶ, ନଳିନୀକାନ୍ତ ସେନାପତି, ଅଶୋକ ମହାନ୍ତି, ସ୍ୱାତୀ ଚାଟାର୍ଜୀ, ଭାରତୀ ସାହୁ, ବବିତା ପାଲଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ମାସ ମାସ ଧରି ପଡି ରହୁଛି ରେଜିଷ୍ଟ୍ରି ଡାକ

■ ଡାକ ବିଭାଗର ଦାୟିତ୍ୱହୀନତା
■ ୱେବ୍ ସାଇଟ୍‌ରେ ରଖାଯାଉଛି ଭୁଲ୍ ତଥ୍ୟ

ବୈପାରିଗୁଡା,୨।୧ (ଡି.ଏନ୍.ଏ.)

ବୈପାରିଗୁଡା ଉପ ଡାକଘରର ଦାୟିତ୍ୱହିନତାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅତି ଗୁରୁତ୍ୱପୂର୍ଣ୍ଣ ରେଜିଷ୍ଟ୍ରି ଡାକକୁ ତତ୍‌କ୍ଷଣାତ୍ ଠିକଣାଧାରୀଙ୍କୁ ପ୍ରଦାନ ନ କରାଯାଇ ମାସ ମାସ ଧରି ପକାଇ ରଖାଯାଉଛି । ଏପରିକି ନିଜେ ଠିକଣାଧାରୀ ବ୍ୟକ୍ତି ବାରମ୍ବାର ଉପଡାକଘରକୁ ଯାଇ ପଚାରିଲେ ମଧ ଖୋଜିବା ଆଳରେ ଦିନ ପରେ ଦିନ ଗଡାଯାଉଥିବା ଅଭିଯୋଗ ହୋଇଛି।

ବୈପାରିଗୁଡା ବ୍ଲକ ଅନ୍ତର୍ଗତ ରତାଖଣ୍ଡିଗୁଡା ଗ୍ରାମର ବଳରାମ ସିନ୍ଧିଆଙ୍କ ଝିଅ ହରିବାଲା ସିନ୍ଧିଆ ତାଙ୍କ ନାମରେ ପାନ୍ କାର୍ଡ ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରିଥିଲେ । ହରିବାଲାଙ୍କ ନାମରେ ବ୍ୟାଙ୍କରେ ଏକ ଜମାଖାତା ଖୋଲିବା ପାଇଁ ଉକ୍ତ ପାନ୍ କାର୍ଡ ଜରୁରୀ ଥିଲା । ତେବେ ପାନକାର୍ଡ ଯୋଗାଣକାରୀ ସଂସ୍ଥା ଗତ ନଭେମ୍ବର ୮ରେ ଏହାକୁ ରେଜେଷ୍ଟ୍ରି ଡାକ ଯୋଗେ ପଠାଇଥିଲେ। ଝିଅର ପାନକାର୍ଡ ଆସିଲା କି ନାହିଁ ସେ ସମ୍ପର୍କରେ ବଳରାମ ବାରମ୍ବାର ସଂପୃକ୍ତ ପୋଷ୍ଟ ମ୍ୟାନ ଅନିଲ ପ୍ରଧାନଙ୍କୁ ପଚାରୁଥିଲେ ମଧ ସେପରି କୌଣସି ଡାକ ଆସି ନ ଥିବା ସେ ଉତ୍ତର ଦେଉଥିଲେ। ମାସେ ବିତିଯିବା ପରେ ରେଜେଷ୍ଟ୍ରି ଡାକର କନ୍‌ସାଇନମେଣ୍ଟ ନଂ ( ୭୦୨୧୧୬୦୨୮ )କୁ ଟ୍ରାକ୍ କରିବାରୁ ଉକ୍ତ ଡାକଟି ନଭେମ୍ବର ୧୬ ରେ ପ୍ରଦାନ କରାଯାଇଥିବା ବଳରାମ ସୂଚନା ପାଇଥିଲେ। ଏହାକୁ ନେଟ୍‌ରୁ କାଢି ସେ ପୋଷ୍ଟ ଅଫିସ୍‌ରେ ଦେଖାଇଥିଲେ। ପୁଣି ତାଙ୍କୁ ୩ ଥର ଦୌଡିବାକୁ ପଡିଥିଲା । ମଙ୍ଗଳବାର ପୋଷ୍ଟମ୍ୟାନ ପ୍ରଧାନ ବହୁ ଖୋଜାଖୋଜି କରିବା ପରେ ରାତି ୮ଟା ବେଳକୁ ଫୋନ୍ କରି ଡାକଟି ମିଳିଗଲା, ବୁଧବାର ଦେବେ ବୋଲି ବଳରାମଙ୍କୁ କହିଥିଲେ। ମାତ୍ର ବୁଧବାର ମଧ ତାଙ୍କୁ ନିରାଶ ହେବାକୁ ପଡିଲା ଶେଷରେ ସେ ଗ୍ରାମରୁ ୫ କିମି ଦୂର ଚାଲି ଚାଲି ବୈପାରିଗୁଡା ଆସି ପୋଷ୍ଟମ୍ୟାନଙ୍କୁ ବହୁ ସମୟ ଜଗି ରହିଥିଲେ। ଶେଷରେ ପୋଷ୍ଟ ମ୍ୟାନ ତାଙ୍କ ପାଖକୁ ଡାକ ଆଣି ଆସିଥିଲେ। ବିନା ଦସ୍ତଖତରେ ଡାକଟି ଦେବାରୁ ସେ ନେବା ପାଇଁ ମନା କରି ଫେରାଇ ଦେଇଥିଲେ। ଏ ସମ୍ପର୍କରେ ସଂପୃକ୍ତ ପୋଷ୍ଟମ୍ୟାନଙ୍କୁ ପଚାରିବାରୁ କେବଳ ଭୁଲ ହୋଇଯାଇଛି କହି ଦାୟିତ୍ୱ ସାରିଦେଇଥିଲେ। ଏ ସଂପର୍କରେ ବୈପାରୀଗୁଡା ଉପ ଡାକଘର ପୋଷ୍ଟ ମାଷ୍ଟର ତଥା ଜୟପୁର ପୋଷ୍ଟାଲ ନିରୀକ୍ଷକଙ୍କ ମତାମତ ନେବାକୁ ବାରମ୍ବାର ଫୋନ୍ କରାଯାଇଥିଲେ ମଧ ଯୋଗାଯୋଗ ହୋଇପାରି ନ ଥିଲା ।

# ଗାଙ୍ଗରାଜଗୁମ୍ଫା ପର୍ଯ୍ୟଟନସ୍ଥଳକୁ ପୁନରୁଦ୍ଧାର କଲେ ପିଇଓ

ମାଥିଲି, ୨।୧(ଡି.ଏନ.ଏ.)

ମାଲକାନଗିରି ଜିଲା ମାଥିଲି ବ୍ଲକ ସଦର ପଞ୍ଚାୟତରେ ଥିବା ଏକ ଅବହେଳିତ ପର୍ଯ୍ୟଟନ ସ୍ଥଳୀକୁ ନୂଆ ରୂପ ମିଳିଛି। ପିଇଓ ଅଶୋକ ମହାରଣାଙ୍କ ତତ୍ତ୍ୱାବଧାନରେ ଏହା ସମ୍ଭବ ହୋଇପାରିଛି। ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନୂଆ ତରିକାରେ ଲୋକଲୋଚନକୁ ଆଣିଛନ୍ତି ସେ। ଫଳରେ ଏହି ସ୍ଥାନ ଏବେ ପ୍ରକୃତିପ୍ରେମୀଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ମାଥିଲି ସଦରଠାରୁ ମାତ୍ର ୫ କିଲୋମିଟର ଗଲେ ପଡ଼େ ଗାଙ୍ଗରାଜଗୁମ୍ଫା। ଏଠାରେ ଥିବା ୱାଟରଫଲ୍ ଓ ବାଉଁଶପୋଲ ସେହିପରି ଅବହେଳିତ ଅବସ୍ଥାରେ ପଡ଼ି ରହିଥିଲା। ଏହାକୁ ପୁନରୁଦ୍ଧାର କରିବାକୁ ଚିନ୍ତାକରି ପିଇଓ ମହାରଣା ପଞ୍ଚାୟତ ପାଣ୍ଠିରୁ ଅର୍ଥ ବ୍ୟୟ କଲେ। ଏବେ ଏହି ସ୍ଥଳ ନୂଆ ପର୍ଯ୍ୟଟନସ୍ଥଳୀର ପରିଚୟ ପାଇଛି। ଏଠାରେ ପାହାଡ଼ ଉପରେ ଭୋଜିଭାତର ଆସର ସାଙ୍ଗକୁ ବାଉଁଶ ପୋଲର ମଜା



ପିଇଓ ପୁନରୁଦ୍ଧାର କରିଥିବା ପର୍ଯ୍ୟଟନ ସ୍ଥଳ।

**ପଞ୍ଚାୟତ ପାଣ୍ଠିରୁ ଖର୍ଚ୍ଚ ହେଲା ଅର୍ଥ**

ନେଉଛନ୍ତି ପର୍ଯ୍ୟଟକ। ପଞ୍ଚାୟତ ପକ୍ଷରୁ ଏଠାରେ ପର୍ଯ୍ୟଟକଙ୍କ ପାଇଁ ସମସ୍ତ ସୁବିଧା କରାଯାଇଛି। ଗୋଟିଏ ଥରରେ ପାହାଡ ଉପରେ ୪ଟି ଦଳ ଭୋଜି କରିପାରିବେ। ପିଇଓ ମହାରଣାଙ୍କ ପଦକ୍ଷେପକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି। ମାଥିଲି ବ୍ଲକରେ ଅନେକ ପର୍ଯ୍ୟଟନ ସ୍ଥଳୀ ପ୍ରଶାସନର ଦୃଷ୍ଟି ଆଢୁଆଳରେ ଅବହେଳିତ ହୋଇପଡିଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

### 'ମୁଁ ସୁକୁମାରୀ' ଲୋକାର୍ପିତ

ରାଇଘର, ୨।୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ସଦର ମହକୁମାସ୍ଥିତ ସ୍ଥାନୀୟ ତପନ କଲ୍ୟାଣ ମଣ୍ଡପରେ କବି ସ୍ୱାଗତିକା ବାହିନୀପତିଙ୍କ କବିତା ଗ୍ରନ୍ଥ 'ମୁଁ ସୁକୁମାରୀ' ଲୋକାର୍ପିତ ହୋଇଛି। କବି ରବି ବାହିନୀପତି ଏବଂ ଶିକ୍ଷୟିତ୍ରୀ ରଶ୍ମିତା ପୁରୋହିତ ସ୍ୱାଗତ ସଂଗୀତ ଗାନ କରିଥିଲେ। ରାଇଘର କଲେଜ ଅଧ୍ୟକ୍ଷ ପରୀକ୍ଷିତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋରାପୁଟ ଜିଲାର ସାହିତ୍ୟ ଏକାଡେମୀ ସଦସ୍ୟ ଲକ୍ଷ୍ମୀକାନ୍ତ ପାଢ଼ୀ ମୁଖ୍ୟ ଅତିଥି, ନବରଙ୍ଗପୁର ସାହିତ୍ୟ ଏକାଡେମୀ ସଦସ୍ୟ ବଲ୍ଲଭ ରାଉତ ମୁଖ୍ୟବକ୍ତା, ଲକ୍ଷ୍ମୀକାନ୍ତ ବାହିନୀପତି, ସାହିତ୍ୟିକ ସୁଧୀରାଜ ରାଉତ ସମ୍ମାନିତ ଅତିଥି ଏବଂ ସମ୍ମାନିତ ବକ୍ତା ଭାବେ ଚନ୍ଦନଧାରା ସମ୍ପାଦକ ଏମ୍. ହିମାଂଶୁ ଆଚାରୀ ଯୋଗଦେଇଥିଲେ। ଡ. ପ୍ରଦୀପ ମିଶ୍ର ପୁସ୍ତକ ସମୀକ୍ଷା କରିଥିଲେ। ଉକ୍ତ ଉତ୍ସବକୁ ବ୍ୟଙ୍ଗ ସାହିତ୍ୟିକ ଅଭିରାମ ଲେଙ୍କା ସଂଯୋଜନା କରିଥିବାବେଳେ କବି ସତ୍ୟବ୍ରତ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଲେଖିକା ସ୍ୱାଗତିକାଙ୍କ ବାପା ଗଗନ ବିହାରୀ, ମାଆ ସ୍ମିତାରାଣୀ ଉପସ୍ଥିତ ଥିଲେ।

### ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଚନ୍ଦାହାଣ୍ଡି, ୨।୧ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ୨୦୨୧ରେ ଅବସର ଗ୍ରହଣ କରିଥିବା ଶିକ୍ଷକଙ୍କୁ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସଭାପତି ପଦ୍ମଲୋଚନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଇଓ ଉଗ୍ରସେନ ନାୟକ ମୁଖ୍ୟ ଅତିଥି, ଏବିଇଓ ନୀଳକଣ୍ଠ ଦାଶ ମୁଖ୍ୟବକ୍ତା, ଏବିଇଓ ପ୍ରେମଚାନ୍ଦ ସିଂ ଧ୍ରୁବୁଆ, ବିଜୟାନନ୍ଦ ସୋରି, ସମ୍ପାଦକ ବସନ୍ତ ଧ୍ରୁବୁଆ, ଅବସରପ୍ରାପ୍ତ ଶିକ୍ଷକ ଶିଶିର କୁମାର ଚୌଧୁରୀ, ପ୍ରଭାତ କୁମାର ନନ୍ଦ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ପ୍ରସନ୍ନ ନାୟକ, ତରଣ ସିଂ ପୂଜାରୀ, ବଳଭଦ୍ର ବିଶୋଇ, ପର୍ଶୁରାମ ସୁନାନୀ, ତିରଣ ସିଂ ମାଝି, ବିଶ୍ୱରଞ୍ଜନ ପଣ୍ଡା, ହୃଷୀକେଶ ସୁନାନୀ, ପ୍ରଦୀପ ପାଢ଼ି, ମାର୍କଣ୍ଡ ପୂଜାରୀ ଉପସ୍ଥିତ ଥିଲେ।

# ନୀଳଗିରି ଜଙ୍ଗଲରୁ ଯୁବତୀଙ୍କ ମୃତଦେହ ଜବତ

ବୋରିଗୁମ୍ମା,୨।୧ (ଡି.ଏନ.ଏ.)

କୋରାପୁଟ ଜିଲା ବୋରିଗୁମ୍ମା ଥାନା ଅନ୍ତର୍ଗତ ଚାଲାଣଗୁଡା କାଜୁମିଲ୍ ପଛପଟେ ଥିବା ନୀଳଗିରି ଜଙ୍ଗଲରୁ ଜଣେ ଯୁବତୀଙ୍କ ମୃତଦେହ ରବିବାର ପୋଲିସ ଜବତ କରିଛି। ତାଙ୍କ ନାମ ସୁଭଦ୍ରା ଅମାନତ୍ୟ(୧୯)। ଘର ଚିଲିଗୁଡା ଗ୍ରାମରେ। ଗତ ୩୦ ତାରିଖ ସନ୍ଧ୍ୟାରୁ ସେ ନିଖୋଜ ଥିଲେ।

ସୁଭଦ୍ରା ଘରୁ କେଉଁଆଡେ ଚାଲିଯାଇଥିବା ଜାଣିବା ପରେ ପରିବାର ଲୋକେ ବହୁ ଖୋଜାଖୋଜି କରି ତାଙ୍କ ସନ୍ଧାନ ପାଇ ନ ଥିଲେ। ରବିବାର ଗ୍ରାମର କେତେ ଜଣ ମହିଳା ଜାଳେଣି କାଠ ସଂଗ୍ରହ କରିବାକୁ ନୀଳଗିରି ଜଙ୍ଗଲକୁ ଯାଇଥିଲେ। ସେଠାରେ ମହିଳାମାନେ ଏକ ମୋବାଇଲ ଫୋନ ପଡିଥିବା ଦେଖିବାକୁ ପାଇଥିଲେ। ପରେ ଲଟାବୁଦାରୁ ମୃତଦେହ ପଡିଥିବା ଦେଖି ଏହା ସୁଭଦ୍ରାଙ୍କର ବୋଲି ଜାଣିପାରି ପରିବାର ଲୋକଙ୍କୁ ଜଣାଇଥିଲେ। ତାଙ୍କ ସମ୍ପର୍କୀୟ ମାମୁ ଭୁବନ ଅମାନତ୍ୟ ବୋରିଗୁମ୍ମା ପୋଲିସକୁ ଖବର ଦେଇଥିଲେ। ଆଇଆଇସି ଖୁରେଶ୍ୱର ସାହୁ ଏକ ଟିମ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ଅନୁସନ୍ଧାନୀ କୁକୁର ଓ ଫୋରେନସିକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ସନ୍ଦେହ କରୁଛି। ସୁଭଦ୍ରାଙ୍କ ମୁଣ୍ଡରେ ଆଘାତ ଲାଗିବା ସହ କେଶକୁ ଦୁର୍ବୃତ୍ତ ପୋଡିଥିବା ଜଣାଯାଇଛି। ତଦନ୍ତ ପରେ ହତ୍ୟାର କାରଣ ସ୍ପଷ୍ଟ ହେବ ବୋଲି ଏସ୍‌ଡିପିଓ ହରେକୃଷ୍ଣ ମାଝୀ କହିଛନ୍ତି। କେସ ନଂ. ୨/୨୨, ଦଫା ୩୦୨, ୨୦୧ରେ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ସୁଭଦ୍ରାଙ୍କ ବାପା ଧବୁଲୁ ଅମାନତ୍ୟ ଓ ମା' ଧନେଇ ଅମାନତ୍ୟ ଗତ ଏକ ମାସ ହେବ ଦାମନଯୋଡିରେ ଏକ ଇଟାଭାଟିରେ କାମ କରୁଛନ୍ତି। ଘରେ ଦୁଇ ଭଉଣୀ, ଗୋଟିଏ ଭାଇ ଆଇମା' ପାଖରେ ରହୁଥିଲେ। ସୁଭଦ୍ରା ନିକଟସ୍ଥ କାଜୁ ମିଲରେ କାମ କରୁଥିଲେ।

# ଆହତଙ୍କୁ ଉଦ୍ଧାର କରି ପର୍ସ, ଟଙ୍କା ପୋଲିସକୁ ହସ୍ତାନ୍ତର କଲେ ଆମ୍ବୁଲାନ୍ସ କର୍ମଚାରୀ



ପାଇଥିବା ପର୍ସ ଓ ଟଙ୍କାକୁ ପୋଲିସକୁ ହସ୍ତାନ୍ତର କରୁଛନ୍ତି ୧୦୮ ଆମ୍ବୁଲାନ୍ସ କର୍ମଚାରୀ।

ମାଲକାନଗିରି, ୨।୧ (ଡି.ଏନ.ଏ.)

ଭାରସାମ୍ୟ ହରାଇ ରାସ୍ତାରେ ପଡିଥିବା ଜଣେ ଯୁବକଙ୍କୁ ୧୦୮ ଆମ୍ବୁଲାନ୍ସ କର୍ମଚାରୀ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ତାଙ୍କ ନିକଟରେ ଥିବା ପର୍ସ ଓ ଟଙ୍କା ପୋଲିସକୁ ହସ୍ତାନ୍ତର କରି ମାନବିକତାର ପରିଚୟ ଦେଇଛନ୍ତି। ଏପରି ଦେଖିବାକୁ ମିଳିଛି ମାଲକାନଗିରି ଜିଲା ମାଥିଲିରେ।

ଖବରରୁ ଜଣାପଡିଛି ଚେଡେଙ୍ଗା ପଞ୍ଚାୟତ ଟାଙ୍ଗିଣୀଗୁଡା ଗ୍ରାମର ଯୁବକ ସୁବ୍ରତ ପେଦା ବାଇକ୍‌ରେ ମାଥିଲି ଆସୁଥିବାବେଳେ ଡାଇଗୁଡା ନିକଟରେ ବାଇକରୁ ଖସିପଡି ରାସ୍ତାରେ ଅଚେତ ଅବସ୍ଥାରେ ପଡିଥିଲେ। ଖବରପାଇ ଘଟଣା ସ୍ଥଳରେ ମାଥିଲିରେ କାର୍ଯ୍ୟରତ ୧୦୮ କର୍ମଚାରୀ ପହଞ୍ଚି ସୁବ୍ରତଙ୍କୁ ଉଦ୍ଧାର କରି ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ତାଙ୍କର ଚିକିତ୍ସା ହୋଇଥିଲା। ତେବେ କର୍ମଚାରୀମାନେ ଘଟଣା ସ୍ଥଳରୁ ପାଇଥିବା ସୁବ୍ରତଙ୍କ ପର୍ସ ଓ ଟଙ୍କା ମାଥିଲି ପୋଲିସକୁ ହସ୍ତାନ୍ତର କରି ଏହା ସମ୍ପୃକ୍ତ ଯୁବକଙ୍କୁ ଦେବା ଲାଗି ଅନୁରୋଧ କରିଥିଲେ। କର୍ମଚାରୀଙ୍କ ଏପରି ମାନବିକତାକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ଏମ୍‌ପିଭି-୨୯ ଚାମ୍ପିୟନ



ଅତିଥିମାନେ ବିଜୟୀ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରୁଛନ୍ତି।

**ରାଧାକୃଷ୍ଣ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ମାଲକାନଗିରି, ୨।୧ (ଡି.ଏନ.ଏ.)

ମାଲକାନଗିରି ଜିଲା ଏମ୍‌ପିଭି-୩୪ ଗ୍ରାମରେ ଚାଲିଥିବା ରାଧାକୃଷ୍ଣ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ମ୍ୟାଚରେ ଗାଗରମେଟଲା ଓ ଏମ୍‌ପିଭି-୨୯ ଦଳ ପରସ୍ପରକୁ ଭେଟିଥିଲେ। ଏଥିରେ ଗାଗରମେଟଲାକୁ ହରାଇ ଏମ୍‌ପିଭି-୨୯ ଚାମ୍ପିୟନ ହୋଇଥିଲା। ପ୍ରଥମେ ଏମ୍‌ପିଭି-୨୯ ବ୍ୟାଟିଂ ଆରମ୍ଭ କରି ୨୨୨ ରନ୍ କରିଥିଲା। ଜବାବରେ ଗାଗରମେଟଲା ଦଳ ୧୬ ଓଭରରେ ୧୨୦ ରନ କରି ଅଲଆଉଟ୍ ହୋଇଯାଇଥିଲା। ଫଳରେ ଏମ୍‌ପିଭି-୨୯ ବିଜୟୀ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ରୂପେ ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି, ସମ୍ମାନିତ ଅତିଥି ରୂପେ ବିଜୁ ଯୁବ ଜନତା ଦଳର ସଭାପତି ଆଡ଼ମା ରାବା, ପୂର୍ବତନ ବିଧାୟକ ମାନସ ମାଡକାମି, ସରପଞ୍ଚ ଗଙ୍ଗାଧର ସୋଡି, କାଲିମେଳା ବ୍ଲକ ଅଧ୍ୟକ୍ଷ ମାଳା ମାଢ଼ି, ଭାଜପା ନେତା ଭବାନୀ ଶଙ୍କର ମୁଖାର୍ଜୀ ପ୍ରମୁଖ ଯୋଗ ଦେଇ ବିଜୟୀ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ।

### ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ

କୁନ୍ଦୁରା୨।୧(ଡି.ଏନ.ଏ.)

କୁନ୍ଦୁରା ବ୍ଲକ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ପକ୍ଷରୁ ଚାଲିଥିବା ଜାତୀୟ ସେବା ଯୋଜନା(ଏନଏସଏସ)ର ଶୀତକାଳୀନ ସ୍ୱତନ୍ତ୍ର ଶିବିର ପୋଷ୍ୟ ଗ୍ରାମ କୁଟୁମପଦର ଠାରେ ଉଦ୍‌ଯାପିତ ହୋଇଯାଇଛି। ୭ ଦିନ ଧରି ଚାଲିଥିବା ଏହି ଶିବିର ରାଇକୁନ୍ଦୁରା,ବାଉଁଶଆଗୁଡା ଏବଂ କୁଟୁମ ପଦରଠାରେ ଚାଲିଥିଲା। ମହାବିଦ୍ୟାଳୟର ୩ଟି ୟୁନିଟ୍‌ରୁ ୭୫ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ୪ ଜଣ ପ୍ରତିଷ୍ଠାତା ସଞ୍ଜୟ ସାହୁ, ଲକ୍ଷ୍ମୀକାନ୍ତ ପଟ୍ଟନାୟକ,ପଞ୍ଚାନନ ଗୌଡ ଏବଂ ବୃନ୍ଦାବନ ପାତ୍ର ଅତିଥି ରୂପେ ଯୋଗଦେଇଥିଲେ।

# ଆଜିଠାରୁ ୨୦ କେନ୍ଦ୍ରରେ କିଶୋରଙ୍କୁ ଟିକାକରଣ

କୋରାପୁଟ,୨।୧(ସ୍ୱ.ପ୍ର.)-

ଦେଶରେ କୋରନା ଭାରିଏଣ୍ଟ ଓମିକ୍ରମ ରୋଗୀଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧିପାଉଥିବା ଦେଖି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ୧୫ରୁ ୧୮ ବର୍ଷ ବୟସର ଯୁବ ବର୍ଗଙ୍କୁ ଟିକାକରଣ ପ୍ରଥମ ଡୋଜ ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ସରକାରଙ୍କ ନିର୍ଦ୍ଦେଶରେ ଅନୁଯାୟୀ ସୋମବାରଠାରୁ କୋରାପୁଟ ଜିଲାର ୨୦ଟି କେନ୍ଦ୍ରରେ (୧୫-୧୮) ବୟସ ବର୍ଗ କିଶୋର, କିଶୋରୀଙ୍କ ପାଇଁ କୋଭାକ୍ସିନ ପ୍ରଥମ ମାତ୍ରା ଟିକାକରଣ ଆରମ୍ଭ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ସୋମବାର ସକାଳ ୯ଟାରୁ ଅପରାହ୍ନ ୨ଟାଯାଏ ଏହି ଟିକାକରଣ ହେବ। କୋରାପୁଟ ଜିଲାରେ କରାଯାଇଥିବା ୨୦ କେନ୍ଦ୍ର ମଧ୍ୟରେ ବନ୍ଧୁଗାଁ ସିଏଚସି, ବୈପାରିଗୁଡା ସିଏଚସି, ବୋରିଗୁମ୍ମା ସିଏଚସି, ଦଶମନ୍ତପୁର ସିଏଚସି, ରାବଣାଗୁଡା ସିଏଚସି, ମାଥଲାପୁଟ ସିଏଚସି,କୋଟପାଡ ସିଏଚସି, କୁନ୍ଦୁରା ସିଏଚସି, ଲମତାପୁଟ ସିଏଚସି, ଲକ୍ଷ୍ମୀପୁର ସିଏଚସି, ନନ୍ଦପୁର ସିଏଚସି, ନାରାୟଣପାଟଣା ସିଏଚସି, ପଟ୍ଟାଙ୍ଗି ସିଏଚସି, କୁନ୍ଦୁଲି ସିଏଚସି, ସିନାବେଡା ସିଏଚସି, କୋରାପୁଟ ସହରର ଗାନ୍ଧୀନଗର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ, ଜିଲା ମୁଖ୍ୟ ଚିକିତ୍ସାଳୟ, ଜୟପୁର ଟାଉନହଲ, ଜୟପୁର ଏଲଆର ଆଦି କେନ୍ଦ୍ରରେ ଟିକାକରଣ କରାଯିବ ବୋଲି ଜିଲାପାଳ ଅବଦାଲ ଏମ. ଅଖତାର କହିଛନ୍ତି।

# ବାଇକ୍ ଧକ୍କାରେ ଜଣେ ମୃତ, ୫ଗୁରୁତର

ନାରାୟଣପାଟଣା, ୨।୧(ଡି.ଏନ.ଏ.)

ସନ୍ଧ୍ୟାଭ୍ରମଣ କରୁଥିବା ବେଳେ ବାଇକ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ୫ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଜି. ସଞ୍ଜୀବ କୁମାର। ଖବରରୁ ଜଣାପଡିଛି ବନ୍ଧୁଗାଁ ଥାନା ଅନ୍ତର୍ଗତ ତୁରୁକୁପେଟା ଗ୍ରାମର ଜି.ସଞ୍ଜୀବ କୁମାର, ଜି.ମନୋଜ କୁମାର ଓ ଜି.ରଜନୀ ଶନିବାର ସନ୍ଧ୍ୟାରେ ବୁଲାବୁଲି କରୁଥିଲେ। ଏହି ସମୟରେ ଦାର୍ସିନି ଗ୍ରାମର ଯୁଗଳ ମେଲେକା, ମାନସନ କାଡ୍ରାକା ଓ ନରସିଂହ କହଁର ଏକ ବାଇକ(ଏ.ପି ୩୧ ଏ.ଜେଡ ୪୪୩୮ )ରେ ଦ୍ରୁତଗତିରେ ଆସି ସେମାନଙ୍କୁ ପଛପଟୁ ଧକ୍କା ଦେଇଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଡକାଇ ସମସ୍ତ ଆହତ ବ୍ୟକ୍ତିଙ୍କୁ ବନ୍ଧୁଗାଁ ମେଡିକାଲ ନେଇଥିଲେ। ୩ ବାଇକ ଚାଳକଙ୍କୁ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଜି.ସଞ୍ଜୀବ କୁମାର ଓ ଜି.ମନୋଜ କୁମାରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିଲା । ମନୋଜଙ୍କ ଅବସ୍ଥାରେ ସୁଧାର ଆସିଥିବା ବେଳେ ଜି. ସଞ୍ଜୀବଙ୍କ ଅବସ୍ଥା ଜଟିଳ ଥିବାରୁ ଡାକ୍ତର ତାଙ୍କୁ ଫେରାଇ ଦେଇଥିଲେ । ତାଙ୍କୁ ବିଶାଖାପାଟଣାରୁ ବନ୍ଧୁଗାଁ ଆଣି ପରିବାର ଲୋକେ କୋରାପୁଟ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷରେ ଏନେଇ ଜି.କିରଣ କୁମାର ବନ୍ଧୁଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ଏକ ମାମଲା ରୁଜୁ ହୋଇଛି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ବାଇକ୍ ଜବତ କରିଛି ବୋଲି ଏଏସ୍‌ଆଇ ମନୁଆ ବିଡ଼ିକା କହିଛନ୍ତି।

# ଖ୍ୱଟିଂରୁ ଶହେ ପଥରଶିଳ୍ପୀ ପଠାଇଥିଲେ ମୟୂରଭଞ୍ଜ ରାଜା




ଡ. ସୁରେନ୍ଦ୍ର କୁମାର ମିଶ୍ର

■ କେରାଣ୍ଡିମାଳରୁ ପଥର ଆସିଥିଲା ରଷିକୁଲ୍ୟା ନଦୀପଥରେ
■ ବଡ଼ମ୍ବା-ନରସିଂହପୁରରୁ ଆସିଥିଲା ୧୮ହାତିଆ ପଥର

ଗତ ସଂଖ୍ୟାରେ ଆମେ ପାଞ୍ଚଟି ସ୍ଥାନରୁ ପଥର ଆସିବା କଥା ପୋଥି ଆଧାରରେ ଆଲୋଚନା କରିଥିଲେ। ପଥର ଆସି କୋଣାର୍କଠାରେ ପହଞ୍ଚିବା ପର୍ଯ୍ୟନ୍ତ କିପରି ୫ ପ୍ରକାର ଗୋଷ୍ଠୀ ପ୍ରବଳ ପରିଶ୍ରମ କରି କାର୍ଯ୍ୟକୁ ସଫଳ କରନ୍ତି ତାହା ଜାଣିଲେ। ଏମାନେ ସମସ୍ତେ ପାଉଣା ତ ନେଉଥିଲେ, କିନ୍ତୁ ଯେଉଁ ନିଷ୍ଠାରେ ଗୋଟାଏ ଜାତିର ଗୌରବମୟ ଐତିହ୍ୟକୁ ସାକାର କରିବା ପାଇଁ ଦୃଢ଼ ନିଶ୍ଚୟ ଥିଲେ ତାହା ଶିକ୍ଷା କରିବା କଥା। ଯେଉଁଠାରୁ ପଥର ସବୁ ଆସୁଥିଲା ତଥା ଯେଉଁମାନେ ଜଳପଥରେ ଆଣୁଥିଲେ ସେମାନଙ୍କ ବିଷୟରେ ଆଲୋଚନା କରିବାର ଉଦ୍ଦେଶ୍ୟ ଏମାନେ କେହି ବି ବାହାରିଆ ଲୋକ ନ ଥିଲେ, ଆମ ମନ୍ଦିର ନିର୍ମାଣ ଓ ପ୍ରସ୍ତୁତିକୁ ଯେଉଁମାନେ ଟାହି ଟାପରା କରି ଲେଖିଥିଲେ ଏବଂ ଏକ ବିଶ୍ୱାସ ଜନ୍ମାଇବାକୁ ଚେଷ୍ଟା କରିଥିଲେ ଯେ ଓଡ଼ିଆମାନେ ପଦ୍ମତୋଳା ଗଣ୍ଡରେ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ କରି ନ ଥିଲେ, ସେଇ ଧାରଣାକୁ ନିରାଧାର କରିବାର ପ୍ରୟାସ।

ଓଡ଼ିଶାର ସବୁବର୍ଗର ଲୋକଙ୍କୁ ଗଜପତି ଏକାଠି କରିବାକୁ ପଦକ୍ଷେପ ନେଇଥିଲେ। ନଇଲେ ଭଞ୍ଜକୁଳର ଚନ୍ଦ୍ରମା ମୟୂରଭଞ୍ଜର ରାଜା ଶ୍ରୀଚକ୍ରଧର ଭଞ୍ଜ ୧୦୦ ଖ୍ୱଟିଂ ପଥର ପଠାଇଥାନ୍ତେ କାହିଁକି!



ବିଶ୍ୱନାଥ ମୁଣ୍ଡିଆ ଏବଂ ଏହାର ନିକଟରେ ଏବେ ସ୍ଥାପିତ ମନ୍ଦିର।
(ଫଟୋ: ରଶ୍ମିରଞ୍ଜନ ପ୍ରଧାନ, ଡେଲାଙ୍ଗ)

ଏହି ପଥର ମହାନଦୀ ଜଳପଥ ଦେଇ କୋଣାର୍କରେ ପହଞ୍ଚିଥିଲା। ଶହେ ପଥର ସହିତ ସେ ଶହେ ଖ୍ୱଟିଂର ଶିଳ୍ପୀ ମଧ ପଠାଇଥିଲେ। ଚାପବାହାକଙ୍କୁ ସମ୍ମାନର ସହ ଏକଯୋଡ଼ା ଲେଖାଏଁ ଧୋତି ଦିଆଯାଇଥିଲା କୋଣାଦିତ୍ୟ ଭଣ୍ଡାରରୁ।

ସେ ସମୟରେ ପର୍ଯ୍ୟଙ୍ଗ ଅଞ୍ଚଳ କହିଲେ ମହାନଦୀଠାରୁ ଡେଲାଙ୍ଗ ଅଞ୍ଚଳ ଦେଇ ଚିଲିକା ପର୍ଯ୍ୟନ୍ତ ବୁଝାଯାଉଥିଲା। ଅଞ୍ଚଳର ନାୟକଙ୍କୁ 'ପର୍ଯ୍ୟଙ୍ଗ ନାୟକ' କୁହାଯାଉଥିଲା। ସେ ଜଗଦଳ ପାହାଡ଼ରୁ ପଠାଇଲେ ୬୦ ହଜାର ୩୮୨ ଖଣ୍ଡ ପଥର, ଦୁଇଜଣ ବୋହିପାରୁଥିବା ପଥରଖଣ୍ଡ। ଆମେ ଜଗଦଳପାହାଡ଼ ଅନୁସନ୍ଧାନରେ ଯାଇଥିଲୁ। ଏହି ପଥର ନିଶ୍ଚିତ ଦୟାନଦୀ ଜଳପଥରେ ଆସିଥିବ ଆମର ବିଶ୍ୱାସ ହେଲା। ବିରାଟ ପାହାଡ଼ ଥିଲା। ଚାରିପଟୁ ପଥରକଟା ଆଜି ବି ଚାଲିଛି। ପାହାଡ଼ର ଉତ୍ତର-ପଶ୍ଚିମ କୋଣ ଦେଇ ଦୟାନଦୀ ପ୍ରବାହିତ। କୋଣାର୍କକୁ ପଥର ଆସିବାରେ ଏହା ଥିଲା ସପ୍ତମ ସ୍ଥାନ।

ନରସିଂହଦେବଙ୍କ ୭ମ ଅଙ୍କରେ ମନ୍ଦିର ନିର୍ମାଣ ଆରମ୍ଭ ହୋଇଥିଲା। ୯ମ ଅଙ୍କରେ କେରାଣ୍ଡିମାଳରୁ ପଥର ଆସିଲା ରଷିକୂଲ୍ୟା ନଦୀପଥରେ। ସାତଶହ ପଥର ଚାପ ଏବଂ ନୌକାରେ ଆସିଥିଲା କୋଣାର୍କକୁ।

ଜଗଦଳପାହାଡ଼ ଏବେ ବିଶ୍ୱନାଥ ପାହାଡ଼ ଭାବରେ ପରିଚିତ ହେଉଛି। ହାରାହାରି ଆଠଶହ ବର୍ଷ ମଧ୍ୟରେ ପାହାଡ଼କୁ ଏକ ମୁଣ୍ଡିଆ ସ୍ତରକୁ ଆମେ ଆଣି ପହଞ୍ଚେଇ ଦେଇଛେ। ପାହାଡ଼ ତଳେ ଥିବା ଗାଁର ନାମ ଏବେ ବି ଜଗଦଳପୁର ଅଛି। ବିଶ୍ୱନାଥ ପାହାଡ଼ରୁ ପୁଣି ଥରେ ୭୦ଟି ଆବୁଡ଼ାଖାବୁଡ଼ା ପଥର ଆସିଥିଲା। ପୋଥିରେ ସ୍ପଷ୍ଟ ଲେଖାଯାଇଛି- ଦୟାନଦୀରେ ଚାପ ଥିଲା। ଚାପ ଦଳେଇ ସେଗୁଡ଼ିକୁ ଚାପରେ ଲଦି ମହାନଦୀକୁ ଆଣିବା ପରେ କୋଣାର୍କ ଅଭିମୁଖେ ଆସିଥିଲା।

ମହାନଦୀରୁ ପଥରବୋଝେଇ ଚାପ ସୋଲ ନଦୀ ଗଣ୍ଡରେ ପହଞ୍ଚିଥିଲା। ସେଇ ଗଣ୍ଡରୁ ଏକ ଉଦିପୁର ଦଣ୍ଡା (କେନାଲ) କୋଣାର୍କ ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇଥିଲା। କେନାଲ ଦେଇ ପଥର ପହଞ୍ଚିବା ପରେ ଶଗଡ଼ିଆ ବୋହି ଆଣିଥିଲେ ପଥରଖୋଲାକୁ।

ପଥର ଆଣିବା ପାଇଁ ନରସିଂହପୁର ଗଡ଼କୁ (ବଡ଼ମ୍ବା-ନରସିଂହପୁର) ଯାଇଥିଲେ ମୁକୁନ୍ଦ ମହାପାତ୍ର ଓ ରାଧୁ ପଥୁରିଆ। ନରସିଂହପୁର ବଣଜଙ୍ଗଲ ଘେରା ଖଣିରୁ ପଥର ପଠାଇବା ପାଇଁ ସେଠାକାର ପଥରକରୁଆଳଙ୍କୁ ନିୟୋଜିତ କରିବାକୁ ନିଷ୍ପତ୍ତି ହୋଇଥିଲା। ବଡ଼ମ୍ବା-ନରସିଂହପୁରର ବାଣେଶ୍ୱର ନାସୀର ସିଦ୍ଧିଦୁର୍ଗା ପାହାଡ଼ରୁ ବଡ଼ ବଡ଼ ପଥର ଆସିଥିଲା। ବଡ଼ ପଥର କାଟିବା ପାଇଁ ସ୍ୱତନ୍ତ୍ର ସୁନାମାଢ଼ ମଧ ଖର୍ଚ୍ଚ ହୋଇଥିଲା।

ପଥର ଆସିଲାବେଳେ ଅଘଟଣ ବି ଘଟିଛି। ଅଠରହାତ ଲମ୍ବା ବଡ଼ ବଡ଼ ପଥର ସିଦ୍ଧିଦୁର୍ଗା ପାହାଡ଼ରୁ କଟାଯାଇ ଚାପରେ ଅଣାଯିବା ସମୟରେ ବାତ୍ୟା ଆରମ୍ଭ ହୋଇଯାଇଥିଲା। ଚାପଟି ନଦୀରୁ ବାହାରି କୋଣାର୍କକୁ ଲମ୍ବିଥିବା କେନାଲରେ ପହଞ୍ଚିଯିବା ପରେ ଚାପ ବୁଡ଼ିଗଲା। ବୁଡ଼ାଳିମାନେ ପଥରରେ ଦଉଡ଼ି ବାନ୍ଧି ତିନୋଟି ହାତୀ ଦ୍ୱାରା ପଥରକୁ ଉପରକୁ ଉଠେଇଥିଲେ। ଗୋଟିଏ ଗୋଟିଏ ପଥରକୁ ଉଠେଇବା ଅତ୍ୟନ୍ତ କଷ୍ଟକର ଥିଲା। ତେଣୁ ଦଶ ଦିନ ଲାଗିଗଲା ସବୁ ପଥର କୂଳରେ ଲାଗିବାକୁ। ପାଣିରେ ପହଁରି ପହଁରି ଯାଇ ପାଣି ଭିତରକୁ ବୁଡ଼ି ପଥର ଚାରିପଟେ ଚଉକସ କରି ଦଉଡ଼ି ବାନ୍ଧିବା ସହଜ କଥା ନୁହେଁ। ଅସମ୍ଭବ ଲାଗୁଥିବା ଏହି କାର୍ଯ୍ୟକୁ ଯିଏ ସାହସର ସହିତ ତୁଲାଇଥିଲେ ସେ ଥିଲେ ଜଗୁନି ପଥୁରିଆ। ଧନ୍ୟ କହିବା ତାଙ୍କୁ।

